## ବନ ବିହାରୀ ହାଇସ୍କୁଲର ୧୨୧ତମ ପ୍ରତିଷ୍ଠା ଉତ୍ସବ

କୁଜଙ୍ଗ,(ଡି.ଏନ୍.ଏ.): ଜଗତ୍‌ସିଂହପୁର ଜିଲାର ସର୍ବପୁରାତନ ଶିକ୍ଷାନୁଷ୍ଠାନ ବନବିହାରୀ ହାଇସ୍କୁଲର ୧୨୧ତମ ପ୍ରତିଷ୍ଠା ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ସ୍କୁଲ ସମ୍ମୁଖରେ ଥିବା ଗଣେଶଙ୍କ ମୂର୍ତ୍ତି ନିକଟରେ ସ୍କୁଲ କର୍ମକର୍ତ୍ତାମାନେ ପୂଜାର୍ଚ୍ଚନା କରିଥିଲେ। ପୁରାତନ ଶିକ୍ଷକ ସରୋଜ କୁମାର ବେହେରା, ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା କୁମାରୀ ପଟ୍ଟନାୟକ ସ୍କୁଲର ଐତିହ୍ୟ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ପରିଚାଳନା କମିଟି ସଭାପତି ନକ୍ଷତ୍ର ପରିଜା, ଉପସଭାନେତ୍ରୀ ସୁପ୍ରଭା ବାରିକ, ପୂର୍ବତନ ସଭାପତି ଜୀବନାନନ୍ଦ ଅଧିକାରୀ, ଡାକ୍ତର କାହ୍ନୁ ଚରଣ ସ୍ୱାଇଁ, ରବୀନ୍ଦ୍ର ନାୟକ, କୈଳାସ ବେହେରା, ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଭୂବନ୍ଦୋବସ୍ତରୁ ବାଦ୍‌ପଡ଼ିଛି ଇନ୍ଦୁପୁର ରାଜସ୍ୱ ଗ୍ରାମ

କେନ୍ଦ୍ରାପଡ଼ା ଅଫିସ,୧୧।୧୧: କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁର ରାଜସ୍ୱ ଗ୍ରାମର ଅଧିବାସୀଙ୍କୁ ଜମି ସ୍ୱତ୍ୱ ପଟ୍ଟା ୧୯୩୦ ମସିହାରେ ମିଳିଥିଲା। ଇତିମଧ୍ୟରେ ଜିଲାର ଅନ୍ୟ ରାଜସ୍ୱ ଗ୍ରାମରେ ଭୂବନ୍ଦୋବସ୍ତ ହୋଇଥିବା ବେଳେ ଏହି ଗାଁ ବାଦ୍‌ପଡିଛି। ତୁରନ୍ତ ଏହି ରାଜସ୍ୱ ଗ୍ରାମକୁ ଭୂବନ୍ଦୋବସ୍ତ ମାଧ୍ୟମରେ ସ୍ୱତ୍ୱ ରେକର୍ଡ ଠିକ୍ କରିବାକୁ ଗ୍ରାମବାସୀ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରାଙ୍କୁ ଗୁରୁବାର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଇନ୍ଦୁପୁର ସରପଞ୍ଚ ରୀନା ମଲ୍ଲିକ କହିଛନ୍ତି, ଭୂବନ୍ଦୋବସ୍ତ ଦ୍ୱାରା ରାଜସ୍ୱ ବିଭାଗର ବହୁ ସମସ୍ୟା ସମାଧାନ ହୋଇଥାଏ। ଜମି ସ୍ୱତ୍ୱଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ଆଦି କ୍ଷେତ୍ରରେ ମିଳୁଥିବା ପ୍ରମାଣପତ୍ର ପାଇବାକୁ ସହଜ ହୁଏ। ଏହା ବ୍ୟତୀତ ଜମି ରକବା ଅନୁଯାୟୀ ରାଜ୍ୟ ସରକାରଙ୍କୁ ଖଜଣା ମିଳେ। ଜିଲାରେ ସମସ୍ତ ଅଞ୍ଚଳ ଇତିମଧ୍ୟରେ ବନ୍ଦୋବସ୍ତ ଅଥବା ଚକବନ୍ଦୀ ମାଧ୍ୟମରେ ଜମି ସ୍ୱତ୍ୱ ରେକର୍ଡ ଠିକ୍ କରାଯାଇଛି। ତେବେ ଏଠାରେ ଭୂବନ୍ଦୋବସ୍ତ ହୋଇ ନ ଥିବାରୁ ବିଭିନ୍ନ ଧାର୍ମିକ ଅନୁଷ୍ଠାନଗୁଡିକ ଉପଯୁକ୍ତ ପ୍ରମାଣପତ୍ର ମିଳୁନାହିଁ। ଏହି ଦାବିପତ୍ର ପ୍ରଦାନ ସମୟରେ ସମିତିସଭ୍ୟ ସନ୍ତୋଷ କୁମାର ବେହେରା, ପ୍ରଫୁଲ୍ଲ କୁମାର ଦାସଙ୍କ ସମେତ ୧୦ରୁ ଅଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଗିରଫ ଦାବିରେ ଭାଜପା ଏତଲା ଦେଲା

ପଟ୍ଟାମୁଣ୍ଡାଇ,୧୧।୧୧(ସ୍ୱ.ପ୍ର.):ଅଧକ୍ଷା ମମିତା ମେହେର ହତ୍ୟାକାଣ୍ଡର ଷଡଯନ୍ତ୍ରକାରୀ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଗିରଫ ଦାବିରେ ଗୁରୁବାର ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ଥାନାରେ ଭାଜପା ପକ୍ଷରୁ ଏତଲା ଦିଆଯାଇଛି। ପ୍ରାକ୍ତନ ବିଧାୟକ ଡ. ଅଲେଖ କୁମାର ଜେନାଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ଶୋଭାଯାତ୍ରାରେ ପଟ୍ଟାମୁଣ୍ଡାଇ ଥାନାରେ ପହଞ୍ଚି ସରକାର ବିରୋଧୀ ସ୍ଲୋଗାନ ଦେବା ସହିତ ଆଇଆଇସି ତପନ କୁମାର ରାଉତଙ୍କୁ ଏତଲା ପ୍ରଦାନ କରିଥିଲେ। ମନ୍ତ୍ରୀ ମିଶ୍ର ଗିରଫ ନ ହେବା ଯାଏ ଆନ୍ଦୋଳନ ଚାଲୁ ରହିବ ବୋଲି ପ୍ରାକ୍ତନ ବିଧାୟକ ଜେନା କହିଥିଲେ। ଏଥିରେ ଭାଜପା ନେତା ନୃସିଂହ ଚରଣ ସାହୁ, ବନମାଳୀ ମହାପାତ୍ର, ନଗର ଭାଜପା ପୂର୍ବତନ ସଭାପତି ପଦ୍ମନାଭ ପଣ୍ଡା, କୃଷକ ମୋର୍ଚ୍ଚା ନେତା ନୀଳକଣ୍ଠ ଦାଶ, ଜ୍ୟୋତିପ୍ରକାଶ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

### ଗଜାନନ ମାର୍କେଟ କମ୍ପ୍ଲେକ୍ସର ଦୋକାନ ବଜାର ବନ୍ଦ

ପଟ୍ଟାମୁଣ୍ଡାଇ,୧୧।୧୧(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ବସଷ୍ଟାଣ୍ଡ ସଂଲଗ୍ନ ଗଜାନନ ମାର୍କେଟ କମ୍ପ୍ଲେକ୍ସକୁ ନିଜ ଅକ୍ତିଆରକୁ ନେବା ପାଇଁ ମଙ୍ଗଳବାର, ବୁଧବାର ଓଏସ୍‌ଆରଟିସି କର୍ତ୍ତୃପକ୍ଷ, ସ୍ଥାନୀୟ ପ୍ରଶାସନ ଓ ପୋଲିସ ପ୍ରଶାସନ ସାହାଯ୍ୟ ନେଇଥିଲେ। ମାର୍କେଟ କମ୍ପ୍ଲେକ୍ସର ୮୫ଟି ଦୋକାନ ଘର, ଗୋଟିଏ ଜାତୀୟକରଣ ବ୍ୟାଙ୍କ ସହ ୨ଟି ଘରୋଇକରଣ ବ୍ୟାଙ୍କ ଓ ୭ଟି ଫାଇନାନ୍ସ ସଂସ୍ଥା ସମେତ ୩ଟି ଏଟିଏମ୍‌କୁ ସିଲ୍ କରି ଦେଇଥିଲେ। ଦୀର୍ଘ ୬ ମାସ ଧରି ଓଏସ୍‌ଆର୍‌ଟିସି କର୍ତ୍ତୃପକ୍ଷ ଓ ଦୋକାନ ମାଲିକଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ଗୁରୁବାର ୩ଟି ଫାଇନାନ୍ସ ସଂସ୍ଥା, ୨ଟି ଘରୋଇ ବ୍ୟାଙ୍କ, ୨ଟି ଏଟିଏମ୍ ଓଏସ୍‌ଆର୍‌ଟିସି ସହ କୁଆଡେ ଚୁକ୍ତି କରିବାରୁ ତାହା ଖୋଲାଥିବା ଦେଖିବାକୁ ମିଳିଛି। ଅମାନତ ରାଶି ଜମା ଦେଇ ପୂର୍ବରୁ ବିଲ୍‌ଡର ସହ ଦୋକାନ ଘର ଚୁକ୍ତି କରିଥିବା ଦୋକାନୀମାନେ ରାଜ୍ୟ ପରିବହନ ନିଗମ ନିକଟରେ ଚୁକ୍ତି କରିବାକୁ ଆଗଭର ହୋଇ ନ ଥିଲେ। ଫଳରେ ନୂତନ ଭାବେ ଚୁକ୍ତିକୁ ନେଇ ଓଏସ୍‌ଆର୍‌ଟିସି କର୍ତ୍ତୃପକ୍ଷ ଓ ଦୋକାନୀଙ୍କ ମଧ୍ୟରେ ମତପାର୍ଥକ୍ୟ ଦେଖାଦେଇଥିଲା। ଓଏସ୍‌ଆର୍‌ଟିସି କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ବିରୋଧରେ କେତେଜଣ ଦୋକାନୀ ମାଲିକ କୋର୍ଟକୁ ମଧ୍ୟ ଯାଇଛନ୍ତି।

### ସଂସାରଫଳ ପଞ୍ଚାୟତ ବିକାଶ ବିଜେଡିର ଲକ୍ଷ୍ୟ

ପଟ୍ଟାମୁଣ୍ଡାଇ,୧୧।୧୧(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ବ୍ଲକ ସଂସାରଫଳ ପଞ୍ଚାୟତର ବିକାଶ ବିଜେଡି ସରକାରର ଏକମାତ୍ର ଲକ୍ଷ୍ୟ । ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେଡି ପ୍ରତି ଅକୁଣ୍ଠ ସମର୍ଥନ ଜାରି ରଖିବାକୁ ରାଜନଗର ବିଧାୟକ ଧ୍ରୁବ ସାହୁ କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି। ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ଜିଲା ପରିଷଦ ସଦସ୍ୟା ସାରଥି ଦାସ, କାଶୀନାଥ ସିଂହ, ସୁବାସ ଦାଶ, ପୂର୍ଣ୍ଣଚନ୍ଦ୍ର ସିଂହ, ସୁଶାନ୍ତ ସାମନ୍ତରାୟ, ଟୁନିଆ ବେହେରା, ଅମର ଦାସ ପ୍ରମୁଖ ବହୁ ବିଜେଡି ନେତା ଓ କର୍ମୀ ଯୋଗ ଦେଇଥିଲେ।

# ବାର୍ଡ ଫ୍ଲୁ ଆଶଙ୍କା: ଭିତରକନିକାରୁ ୧୮୦ ନମୁନା ସଂଗ୍ରହ

ରାଜନଗର,୧୧।୧୧(ଡି.ଏନ୍.ଏ.)

ଭିତରକନିକା ଜାତୀୟ ଉଦ୍ୟାନରେ ଦେଶୀୟ ପକ୍ଷୀ ଭିଡ଼ ଜମାଇଥିବା ବେଳେ ବିଦେଶାଗତ ପକ୍ଷୀଙ୍କ ଆସିବା ଆରମ୍ଭ ହୋଇଛି। ବିଦେଶାଗତ ପକ୍ଷୀ ଆସିବା ଆରମ୍ଭ କରିଥିବା ବେଳେ ବାର୍ଡ ଫ୍ଲୁ ନେଇ ପ୍ରଶାସନ ଆଶଙ୍କା ପ୍ରକାଶ କରି ସତର୍କ ଦୃଷ୍ଟି ରଖିଛି। ବିଦେଶାଗତ ପକ୍ଷୀ ଆସିବା ପରେ ବାର୍ଡ ଫ୍ଲୁ ହୋଇଛି ନା ନାହିଁ ଜାଣିବା ପାଇଁ ଗୁରୁବାର ଭିତରକନିକା ଜାତୀୟ ଉଦ୍ୟାନ ଓ ଆଖପାଖ ଗାଁରୁ ୧୮୦ ନମୁନା ସଂଗ୍ରହ କରାଯାଇଛି। ବ୍ଲକ ଭେଟେରିନାରି ଅଫିସର କିଶୋର କୁମାର ସାହୁ, ଅତିରିକ୍ତ ପଶୁ ଚିକିତ୍ସା ଅଧିକାରୀ ଦେବୀ ପ୍ରସାଦ କୁଣ୍ଡ, ପ୍ରକାଶ ଚନ୍ଦ୍ର ଜେନା ପ୍ରମୁଖ ଭିତରକନିକା ଜାତୀୟ ଉଦ୍ୟାନର ମଠଆଡିଆ ଓ ରଣଭଞ୍ଜଡିଆ ଅଞ୍ଚଳରୁ ୪୦ଟି ପକ୍ଷୀଙ୍କ ମଳ ନମୁନା ସଂଗ୍ରହ କରିଥିବା ବେଳେ ସେମାନେ ପାଣି ପିଉଥିବା ଜଳାଶୟରୁ ୧୪ଟି ନମୁନା ସଂଗ୍ରହ କରାଯାଇଛି। ସେହିପରି ଭିତରକନିକା ଜାତୀୟ ଉଦ୍ୟାନକୁ ଲାଗିଥିବା ତ୍ରିଲୋଚନପୁର, ବରାଡିଆ, ଡାଙ୍ଗମାଳ, ଖମାରସାହି, ରଗଡ଼ାପାଟିଆ ଗାଁରୁ ୪୨ଟି କୁକୁଡ଼ାଙ୍କ ମଳ ନମୁନା, ୪୨ କୁକୁଡାଙ୍କ ମଳଦ୍ୱାରର ଲାଳ ନମୁନା ଓ ୪୨ କୁକୁଡାଙ୍କ ତଣ୍ଟିର ସ୍ୱାବ ସଂଗ୍ରହ କରାଯାଇଛି। ଏହି ୧୮୦ ନମୁନା ଭୁବନେଶ୍ୱର ଫୁଲନଖରାସ୍ଥିତ ଆନିମଲ ଡିଜିଜ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟକୁ ପଠାଯାଇଛି। ସେଠାରୁ ଭୋପାଳସ୍ଥିତ ଫରେନ୍‌ସିକ ଲାବରେଟୋରିକୁ ପଠାଯିବ। ୭ ଦିନ ମଧ୍ୟରେ ରିପୋର୍ଟ ଆସିବା ପରେ ଭିତରକନିକା ଅଞ୍ଚଳରେ ବାର୍ଡ ଫ୍ଲୁ ହୋଇଛି କି ନାହିଁ ସ୍ପଷ୍ଟ ହେବ ବୋଲି ଜଣାପଡିଛି।



ବାର୍ଡ ଫ୍ଲୁ ଆଶଙ୍କାରେ ପ୍ରାଣୀ ଚିକିତ୍ସକ ପାଣିର ନମୁନା ସଂଗ୍ରହ କରୁଛନ୍ତି।

# ସଭାନେତ୍ରୀ, ସମ୍ପାଦିକା ନଜରବନ୍ଦୀ

ରଘୁନାଥପୁର,୧୧।୧୧(ଡି.ଏନ୍.ଏ.)

### ଏସ୍‌ଏଚ୍‌ଜିର ଅଢ଼େଇ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗ

ରଘୁନାଥପୁର ଥାନା ତଅାଁରା ପଞ୍ଚାୟତ ଅନ୍ତର୍ଗତ କରଡ଼ାସ୍ଥିତ ମା'ଗୁଣ୍ଡିଚାରାଣୀ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ରୁ ଅଢ଼େଇ ଲକ୍ଷ ଟଙ୍କା ହଡ଼ପ କରାଯାଇଥିବା ନେଇ ସଭ୍ୟାମାନେ ଗତ ଅକ୍ଟୋବରରେ ଅଭିଯୋଗ କରିଥିଲେ। ସଭାନେତ୍ରୀ ବବିନା ନାୟକ ଓ ସମ୍ପାଦିକା ରେବତୀ ଚୌଧୁରୀଙ୍କ ଏହି ଟଙ୍କା ନେଇଛନ୍ତି ବୋଲି ସେମାନେ ଅଭିଯୋଗପତ୍ରରେ ଦର୍ଶାଇଥିଲେ। ଏହାପରେ ଘଟଣାର ଆପୋସ ସମାଧାନ କରଯାଇ ୬ ନଭେମ୍ବର ସୁଦ୍ଧା ସମସ୍ତ ଟଙ୍କା ଫେରାଇ ଦେବାକୁ ବବିନା ଓ ରେବତୀ ଥାନାରେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଟଙ୍କା ଫେରସ୍ତ ନ କରିବାରୁ ଉଭୟଙ୍କୁ ସଭ୍ୟାମାନେ ଗୁରୁବାର ଘରୁ ଉଠାଇଆଣି ଲକ୍ଷ୍ମୀଛକରେ ନଜରବନ୍ଦୀ କରି ରଖିଛନ୍ତି। ଟଙ୍କା ନ ମିଳିବା ପର୍ଯ୍ୟନ୍ତ ସେମାନଙ୍କୁ ଛଡାଯିବ ନାହିଁ ବୋଲି ସଭ୍ୟାମାନେ କହିଛନ୍ତି। ପୋଲସ ଘଟଣାସ୍ଥଳରେ ପହଞ୍ଚି ସମସ୍ୟା ସମାଧାନ କରିବାକୁ ଉଦ୍ୟମ କରୁଛି।

ସଭ୍ୟା କଲ୍ୟାଣୀ ନାୟକ ଓ କଳ୍ପନା ନାୟକଙ୍କ ଅଭିଯୋଗ ଅନୁଯାୟୀ, ମେ ୨୦୧୯ରେ ଏହି ଏସ୍‌ଏଚ୍‌ଜିର ସଦସ୍ୟାମାନେ ବ୍ୟାଙ୍କରୁ ୧ଲକ୍ଷ ୧୦ହଜାର ଟଙ୍କା ଋଣ ଉଠାଇବା ପାଇଁ ସ୍ଥିର କରିଥିଲେ। ମାତ୍ର ସଭାନେତ୍ରୀ ଓ ସମ୍ପାଦିକା ଚକ୍ରାନ୍ତ କରି ଏହି ସମୟରେ ବ୍ୟାଙ୍କରୁ ୨ଲକ୍ଷ ଟଙ୍କା ଉଠାଇ ଆଣିଥିଲେ। ପରବର୍ତ୍ତୀ ସମୟରେ ଋଣ ପରିଶୋଧ ଅର୍ଥ ବ୍ୟାଙ୍କରେ ଜମା ଦେବା ପାଇଁ ସଭ୍ୟାମାନେ ବବିନା ଓ ରେବତୀଙ୍କୁ ଟଙ୍କା ଦେଇଥିଲେ। ମାତ୍ର ସେମାନେ ଏହି ଅର୍ଥ ବ୍ୟାଙ୍କରେ ଜମା ଦେଇ ନ ଥିଲେ। ଏହାଛଡା ଗ୍ରୁପ ଜମାଖାତାରେ ଡିପୋଜିଟ ହେବାକୁ ଦିଆଯାଇଥିବା ୧୨ହଜାର ଟଙ୍କା ମଧ୍ୟ ହଡପ କରି ନେଇଥିଲେ। ଇତିମଧ୍ୟରେ ଋଣ ଟଙ୍କାର ସୁଧ ଓ ଗ୍ରୁପଜମା ମିଶାଇ ମୋଟ ୨ଲକ୍ଷ ୫୦ହଜାର ହୋଇଯାଇଥିବା ଜଣାପଡ଼ିବା ପରେ ସଭ୍ୟାମାନେ ଥାନାରେ ଅଭିଯୋଗ କରିଥିଲେ। ଲିଖିତ ପ୍ରତିଶ୍ରୁତି ପରେ ମଧ୍ୟ ଏହି ଅର୍ଥ ଫେରାଯାଇ ନ ଥିବାରୁ ସଭ୍ୟାମାନେ ଉତ୍ତ୍ୟକ୍ତ ହୋଇଛନ୍ତି ବୋଲି ଅନ୍ନପୂର୍ଣ୍ଣା ନାୟକ, ରଞ୍ଜୁଲତା ନାୟକ, ସସ୍ମିତା ନାୟକ ଓ ଉର୍ମିଳା ନାୟକ ପ୍ରମୁଖ କହିଛନ୍ତି। ଏସମ୍ପର୍କରେ ବବିନା ଓ ରେବତୀ କହିଛନ୍ତି, ଏବେ ଆମ ପାଖରେ କୌଣସି ଟଙ୍କା ନାହିଁ। ଟଙ୍କା ଯୋଗାଡ଼ କରି ଖୁବ୍‌ଶୀଘ୍ର ଋଣ ପରିଶୋଧ କରିଦିଆଯିବ ସହ ଜମାଖାତା ଅର୍ଥ ମଧ୍ୟ ଫେରାଇ ଦିଆଯିବ।

ଏ ସମ୍ପର୍କରେ ଆଇଆଇସି ଦେବେନ୍ଦ୍ର ମହାପାତ୍ର କୁହନ୍ତି, ଟଙ୍କା ଡିପୋଜିଟ କରିବା ପାଇଁ ପୂର୍ବରୁ ସଭାନେତ୍ରୀ ଓ ସମ୍ପାଦିକା ଲିଖିତ ଭାବେ ଜଣାଇଥିଲେ। ମାତ୍ର ଏପର୍ଯ୍ୟନ୍ତ ଟଙ୍କା ଫେରସ୍ତ କରାଯାଇ ନ ଥିବାରୁ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଚାର ଚାଲିଛି।।



ସମ୍ପାଦିକାଙ୍କୁ ଏସ୍‌ଏଚ୍‌ଜିର ସଭ୍ୟାମାନେ ଘେରିଛନ୍ତି।

# ଗ୍ରାମାଞ୍ଚଳ ଅର୍ଥନୀତିରେ ଗୋସମ୍ପଦର ଅବଦାନ ଅଧିକ

କେନ୍ଦ୍ରାପଡ଼ା ଅଫିସ, ୧୧।୧୧

ଗୋସମ୍ପଦ ଗ୍ରାମାଞ୍ଚଳର ଅର୍ଥନୀତିକୁ ସଚଳ କରିଥାଏ। କୃଷିଠାରୁ ଜୀବନଜୀବିକା ପର୍ଯ୍ୟନ୍ତ ଗୋସମ୍ପଦର ଭୂମିକା ଅତୁଳନୀୟ। ଏଥିପାଇଁ ରାଜ୍ୟ ସରକାର ଏହାର ବିକାଶ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଏହାର ଉପଯୋଗିତା ତୃଣମୂଳସ୍ତରରେ ପହଞ୍ଚିବା ଆବଶ୍ୟକ ବୋଲି ୭୦ତମ ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିମାନେ ମତ ଦେଇଛନ୍ତି। କେନ୍ଦ୍ରାପଡ଼ା ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଏହି ଉତ୍ସବ କେନ୍ଦ୍ରାପଡ଼ା ବ୍ଲକ ବାଲିଆଠାରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ସିଡିଭିଓ ଡା. ତ୍ରିଲୋଚନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଶଶିଭୂଷଣ ବେହେରା, ମୁଖ୍ୟବକ୍ତା ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଶିବ ପ୍ରସାଦ ଭଳ, ଡା. ସରୋଜକାନ୍ତ କାନୁନ୍‌ଗୋ ଯୋଗ ଦେଇଥିଲେ। ଅତିଥିମାନେ ଗ୍ରାମାଞ୍ଚଳ ଅର୍ଥନୀତିରେ ଗୋସମ୍ପଦ, ଜିଲାରେ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ କର୍ମଚାରୀଙ୍କ ପଦବୀ ପୂରଣ, ସରକାର ପ୍ରୋତ୍ସାହନ ଯୋଜନାର ସଚେତନତା କାର୍ଯ୍ୟକ୍ରମ ଓ ଚିକିତ୍ସା ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ଗୋଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡା. ଜିତାଂଶୁ କୁମାର ମହାନ୍ତି, ଡା. ଦେବ ପ୍ରକାଶ ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ପରିଚାଳନା କରିଥିଲେ।



ଗୋସମ୍ବର୍ଦ୍ଧନା ଉତ୍ସବରେ ବିଧାୟକ ଶଶିଭୂଷଣ ବେହେରା ଓ ଅନ୍ୟମାନେ।

# 'ଦୁଗ୍ଧ ଉତ୍ପାଦନରେ ଜଗତ୍‌ସିଂହପୁର ପ୍ରଥମ'

ଜଗତ୍‌ସିଂହପୁର ଅଫିସ, ୧୧।୧୧

### ୭୦ତମ ଜିଲାସ୍ତରୀୟ ଗୋସମ୍ବର୍ଦ୍ଧନା ଉତ୍ସବ

ହିନ୍ଦୁ ଶାସ୍ତ୍ରରେ ଗୋମାତା ପୂଜନୀୟ, ଶ୍ରଦ୍ଧାର କେନ୍ଦ୍ରବିନ୍ଦୁ। ସେମାନେ ଆମ ଆର୍ଥିକ ସମୃଦ୍ଧିର ଏକ ପ୍ରମୁଖ ମାଧ୍ୟମ। ବିଶେଷକରି ଗ୍ରାମୀଣ ସମୃଦ୍ଧିରେ ବେଶ୍ ସହାୟକ। ଆଳିପିଙ୍ଗଳଠାରେ ୭୦ତମ ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ ପାଳନ ଅବସରରେ ଗୁରୁବାର ଅତିଥିମାନେ ଏହା କହିଛନ୍ତି। ଦୁଗ୍ଧ ଉତ୍ପାଦନରେ ଜଗତ୍‌ସିଂହପୁର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିବାର ସୌଭାଗ୍ୟ ହାସଲ କରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ବୀରକିଶୋର ପରିଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ଯୋଗ ଦେଇଥିଲେ। ସେ କହିଥିଲେ, ଜିଲାରେ ପ୍ରାଣୀଧନ ନିରୀକ୍ଷକ ପଦବୀ ପୂରଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୋମାତାଙ୍କୁ ସୁଖ ଓ ସମୃଦ୍ଧିର ପ୍ରତୀକ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ଜିଲାପାଳ ପାରୁଲ୍ ପଟୱାରି ଯୋଗଦେଇ ଶ୍ରେଷ୍ଠ ଗୋପାଳକମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ବେହେରା, କାଳିନ୍ଦୀ ପତି, ଆତ୍ମା କମିଟି ଅଧ୍ୟକ୍ଷ ବାବୁଲି ସାହୁ, ମୃତ୍ୟୁଞ୍ଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗୋ ପ୍ରଦର୍ଶନୀ କରାଯାଇ ଶ୍ରେଷ୍ଠ ବିବେଚିତ ଗୋପାଳକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଚାନ୍ଦପୁର ଚାଷୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅନ୍ନଦା ଦାସ ଧନ୍ୟବାଦ ଦେଇଥିଲେ। ଏହାବାଦ୍ କୃଷକ, ବୈଜ୍ଞାନିକଙ୍କୁ ନେଇ ଆଲୋଚନା ଚକ୍ର ଓ ପ୍ରାଣୀ ଚିକିତ୍ସା ଶିବିର ଆୟୋଜିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆଳିପିଙ୍ଗଳ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଉତ୍କଳିକା ପ୍ରିୟଦର୍ଶିନୀ ପରିଚାଳନା କରିଥିଲେ। ଉପନିର୍ଦ୍ଦେଶକ ଡା. ବିକ୍ରମ କିଶୋର ଆଚାର୍ଯ୍ୟ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଲୋପାମୁଦ୍ରା ମଲ୍ଲିକ ଓ ଗୁରୁପ୍ରସାଦ ଦାସ ଏଥିରେ ସହଯୋଗ କରିଥିଲେ।





କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

# ବିଷ୍ଣୁଙ୍କ ଜୟନ୍ତୀରେ ଗୋଷ୍ଠୀ ବିବାଦର ଅନ୍ତ

ରଘୁନାଥପୁର/ତିର୍ତ୍ତୋଲ,୧୧।୧୧(ଡି.ଏନ୍.ଏ.)

### ଦଳ ନିର୍ଦ୍ଦେଶ ମାନିବାକୁ କର୍ମୀଙ୍କ ଶପଥ

ସ୍ୱର୍ଗତ ବିଷ୍ଣୁ ଦାସଙ୍କ ଜୟନ୍ତୀରେ ଗୁରୁବାର ରଘୁନାଥପୁର ବ୍ଲକ ବିଜେଡିରେ ଚାଲିଥିବା ଗୋଷ୍ଠୀ ବିବାଦର ଅନ୍ତ ଘଟିଛି। ଏହି ଅବସରରେ କର୍ମୀମାନେ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ଏକତ୍ରିତ ହୋଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ଏକାଠି କାର୍ଯ୍ୟ କରିବାକୁ ଶପଥ ନେଇଛନ୍ତି। ବ୍ଲକ ସଭାପତି ଦେବାଶିଷ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ କର୍ମୀମାନେ ଗୋପବନ୍ଧୁ, ବିଜୁବାବୁ ଓ ବିଷ୍ଣୁଙ୍କ ପ୍ରତିମୂର୍ତ୍ତିରେ କ୍ଷୀର ସ୍ନାନ କରି ମାଲ୍ୟାର୍ପଣ କରିଥିଲେ। ଏହାପରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ଜିଲା ଉପସଭାପତି ସରୋଜକାନ୍ତ ସ୍ୱାଇଁ, ବିଜୁ କୃଷକମୋର୍ଚ୍ଚା ରାଜ୍ୟ ସମ୍ପାଦକ ଅନ୍ତର୍ଯ୍ୟାମୀ ରାଉତ, ସରୋଜ କୁମାର ଦାସ, ଶାନ୍ତିଲତା ଦ୍ୱିବେଦୀ, ସ୍ୱପ୍ନାସରିତା ବଳ, ଡେଜାଲୀନ ମହାପାତ୍ର ଓ ଶକ୍ତିଶଙ୍କର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସେହିପରି ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ମଧ୍ୟ ସ୍ୱର୍ଗତ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସେ ଏଠାକାର ପୂର୍ବତନ ବିଧାୟକ ଥିଲେ। ତାଙ୍କ ଜୟନ୍ତୀ ଅବସରରେ ଦଳୀୟ କର୍ମୀମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଆନନ୍ଦ ମଣ୍ଡପ ପରିସରରେ ଏକ ସ୍ମୃତିସଭା ଆୟୋଜନ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି, ଆତ୍ମା କମିଟି ଅଧ୍ୟକ୍ଷ ବସନ୍ତ ମହାପାତ୍ର, ଜିଲା ପରିଷଦ ସଭ୍ୟ ସନାତନ ଦଳାଇ ଓ ବିମଳ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ସହାୟତା ମାଗି ଶୁଦ୍ଧି ହେଲେ ନାବାଳକ

ରାଜନଗର, ୧୧।୧୧(ଡି.ଏନ.ଏ.)

- ୨ ବର୍ଷ ତଳେ ବାପାଙ୍କୁ ହରାଇ ଥିଲେ, ଏବେ ମା'
- ପରିବାରରେ ମୂକ,ବଧିର ଦାଦାଙ୍କ ଛଡ଼ା ଅନ୍ୟ କେହିନାହାନ୍ତି
- ଜିଲାପାଳ, ବିଧାୟକ ପ୍ରଦାନ କଲେ ସହାୟତା



କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତ ଚମ୍ପାଦିଆ ଗାଁର ଭାଗବତ ଦାସ (୧୪) ୨ ବର୍ଷ ତଳେ ବାପା ଗୁରୁବାରି ଦାସ (୪୫)ଙ୍କୁ ହରାଇଥିଲେ। ବିଦ୍ୟୁତ୍ ଆଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ମା' ଉଲି(୪୩) ଭାଗବତଙ୍କ ପାଇଁ ସାଜିଥିଲେ ସବୁକିଛି। ତାଙ୍କରି କାନି ତଳେ ପୁଅ ଭାଗବତଙ୍କ ଦିନ କଟୁଥିଲା। ହେଲେ ଦଇବ ସହିଲା ନାହିଁ। ଗତ ୧ ତାରିଖରେ ଉଲି ଆଖି ବୁଜିଲେ। ୫ଦିନ ଧରି ଉଲି ଭଙ୍ଗା ଘର ଭିତରେ ଜ୍ୱରରେ କମ୍ପୁଥିଲେ। ପାଖରେ ଟଙ୍କା ନ ଥିବାରୁ ନାବାଳକ ପୁଅ ଭାଗବତ ତାଙ୍କୁ ମୋଡାଘଷା କରିବା ଛଡ଼ା ଆଉ କିଛି କରି ପାରି ନ ଥିଲେ। ଘରେ ଆଉ କେହି ନ ଥିବାରୁ ଉଲିଙ୍କୁ ଡାକ୍ତରଖାନା ନେଇ ଚିକିତ୍ସା କରିବା ବି ସମ୍ଭବ ହୋଇ ନ ଥିଲା। ସେହି ୫ ଦିନ ଘରେ ଚୁଲି ବି ଜଳିଲା ନାହିଁ। ରୋଗରେ ଛଟପଟ ହେଉଥିବା ଉଲି ସହ ଭାଗବତ ବି ଉପବାସରେ ଦିନ କାଟିଥିଲେ।

ଅକ୍ଟୋବର ୩୧ ଦିନ ଘରୁ ପଦାକୁ ଆସୁଥିବା ବେଳେ ଉଲି ହଠାତ୍ ପଡି ଯାଇଥିଲେ। ଗାଁ ଲୋକେ ତାଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାର ଗୋଟିଏ ଦିନ ପରେ ନଭେମ୍ବର ୧ରେ ଉଲିଙ୍କ ମୃତ୍ୟୁ ଘଟିଲା। ଗାଁରେ ମୃତଦେହ ପହଞ୍ଚିବା ପରେ କିପରି ସତ୍କାର ହେବ ସେ ନେଇ ଭାଳେଣି ପଡିଲା। ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ଦେବାକୁ ଗ୍ରାମବାସୀ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଖବର ଦେଇଥିଲେ। ହେଲେ କିଛି ଲାଭ ହେଲା ନାହିଁ। ଗ୍ରାମବାସୀ ହାଡ଼ିବନ୍ଧୁ ଜେନା, ସୁଶାନ୍ତ ଜେନା, ପଞ୍ଚାନନ ଦାସ, ରବୀନ୍ଦ୍ର ଜେନା, ଶ୍ରୀଧର ଜେନା, ହଳଧର ଜେନା ପ୍ରମୁଖଙ୍କ ସହଯୋଗରେ ଉଲିଙ୍କ ମୃତଦେହ ସତ୍କାର ହେଲା।

ଉଲିଙ୍କ ପରିବାରରେ ଆଉ କେହି ନ ଥିବା ବେଳେ ଭାଗବତଙ୍କ ଦାଦା ମୂକ ଓ ବଧିର। ମା'ର ଶୁଦ୍ଧିକ୍ରିୟା ପାଇଁ ଭାଗବତ ଗାଁରେ ଭିକ୍ଷା ମାଗି ଟଙ୍କା ସଂଗ୍ରହ କରିଥିଲେ। ଏଥିସହ ଗ୍ରାମବାସୀ ଘରକୁ ଘର ବୁଲି ଯାହା ଟଙ୍କା ସଂଗ୍ରହ କରିଥିଲେ, ସେଥିରେ ଭାଗବତଙ୍କ ଖାଦ୍ୟପେୟ ଯୋଗାଡ଼ କରାଯିବା ସହ ବୁଧବାର ଦଶାହ କର୍ମ ଶେଷ ହୋଇଛି। ଗୁରୁବାର ଏକାଦଶାହ କର୍ମ ସହ ବ୍ରାହ୍ମଣ ଭୋଜନ ବି ଗ୍ରାମବାସୀଙ୍କ ସହଯୋଗରେ ସରିଛି। କୋରେଡାଗଡସ୍ଥିତ ଶ୍ରୀଜଗନ୍ନାଥ ହାଇସ୍କୁଲରେ ୧୦ମ ଶ୍ରେଣୀରେ ପଢୁଥିବା ଭାଗବତ କିପରି ପାଠ ପଢିବେ, ଦି' ଓଳି ଦି' ମୁଠା ଖାଇବେ ଓ କେଉଁଠି ରହିବେ ସେ ନେଇ ପ୍ରଶାସନ ସମସ୍ତ ଦାୟିତ୍ୱ ଗ୍ରହଣ କରୁ ବୋଲି ଗ୍ରାମବାସୀ କହିଛନ୍ତି। କେନ୍ଦ୍ରାପଡ଼ା ଜିଲାପାଳ ଭାଗବତଙ୍କ ରହିବା, ଖାଇବା ଓ ପାଠ ପଢ଼ିବାର ବ୍ୟବସ୍ଥା କରନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଭିକ ମାଗି ଭାଗବତ ମା'ର ଶୁଦ୍ଧିକ୍ରିୟା କରୁଥିବା ଖବର ଜଣାପଡିବା ପରେ କେନ୍ଦ୍ରାପଡ଼ା ଜିଲାପାଳ ଅମ୍ରିତ ଋତୁରାଜ ଏହି ଘଟଣାକୁ ଗୁରୁତର ସହ ନେଇଛନ୍ତି। ଜିଲା ରେଡକ୍ରସ ପାଣ୍ଠିରୁ ଶୁଦ୍ଧିକ୍ରିୟା ପାଇଁ ଜିଲାପାଳ ୧୦ହଜାର ଟଙ୍କା ଯୋଗାଇ ଦେଇଛନ୍ତି। କୋରେଡାଗଡ ସର୍କଲର ରାଜସ୍ୱ ନିରୀକ୍ଷକ ଦୀପକ ବେହେରା ଭାଗବତଙ୍କୁ ଭେଟି ଏହି ସହାୟତା ରାଶି ପ୍ରଦାନ କରିଛନ୍ତି। ଗୁରୁବାର ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଭୁ ରଞ୍ଜନ ସାହୁ ଭାଗବତଙ୍କୁ ୨ହଜାର ଟଙ୍କା ହରିଶ୍ଚନ୍ଦ୍ର ଯୋଜନା ସହାୟତା ଦେଇଛନ୍ତି। ରାଜନଗର ବିଧାୟକ ଧ୍ରୁବ ସାହୁ ଚମ୍ପାଦିଆ ଗାଁରେ ପହଞ୍ଚି ଭାଗବତଙ୍କୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ସହ ଏହି ଅନାଥ ନାବାଳକଙ୍କ ଭବିଷ୍ୟତ ନେଇ ଆଲୋଚନା କରିଛନ୍ତି। ଭାଗବତଙ୍କ ପାଠପଢ଼ା ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି।

### ନାଳରୁ ହେଲପରଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

କଳିଙ୍ଗନଗର,୧୧।୧୧(ଡି.ଏନ.ଏ.)

ଯଖପୁରା ପୋଲିସ ଗୁରୁବାର ଅସନବାହାଲୀ ନାଳରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତ ଯୁବକ ମହାରାଷ୍ଟ୍ର ନାଗପୁର ନରିରୋଡର ରବୀନ୍ଦ୍ର ରାଜପୁତ (୪୦)। ଯଖପୁରା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୪/୨୧) ରୁଜୁ କରି ତଦନ୍ତ କରୁଛି। ଶୁକ୍ରବାର ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବୀନ୍ଦ୍ରଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ନାଳରେ ଖସି ପଡି ତାଙ୍କର ମୃତ୍ୟୁ ଘଟିଛି ନାଁ ତାଙ୍କୁ କେହି ହତ୍ୟା କରି ସେଠାରେ ପକାଇ ଦେଇଛନ୍ତି ସେ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଡ୍ରାଇଭିଂ ଲାଇସେନ୍ସକୁ ଭିତ୍ତି କରି ପୋଲିସ ତାଙ୍କ ପରିଚୟ ପାଇଛି। ମହାରାଷ୍ଟ୍ରରୁ କଳିଙ୍ଗନଗର ଭିସା ଷ୍ଟିଲକୁ ଆସିଥିବା ଏକ ଟ୍ରକରେ ସେ ହେଲପର ଭାବେ କାମ କରୁଥିଲେ। ସେ ଭିନ୍ନକ୍ଷମ। ତାଙ୍କର ଏକ କୃତିମ ଗୋଡ଼ ରହିଛି। ତେଣୁ ସେ ଶୌଚ ଯିବା ସମୟରେ ନାଳରେ ଖସି ପ୍ରାଣ ହରାଇଥିବା ଅନୁମାନ କରାଯାଉଛି ।

### କଂଗ୍ରେସ ନେତା ବିଜେଡିରେ ସାମିଲ

ରାଜନଗର,୧୧।୧୧(ଡି.ଏନ୍.ଏ.)

ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତର କଂଗ୍ରେସ ନେତା ଖଗେଶ୍ୱର ଲେଙ୍କା ବିଜେଡିରେ ସାମିଲ ହୋଇଛନ୍ତି। ତାଙ୍କ ସ୍ତ୍ରୀ ଶାରଦା ଲେଙ୍କା ଗୁପ୍ତି ପଞ୍ଚାୟତରେ ୨୦୦୨ ରୁ ୨୦୦୭ ଓ ୨୦୧୨ରୁ ୨୦୧୭ ଯାଏ ସରପଞ୍ଚ ଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ନେତୃତ୍ୱ ଓ ରାଜନଗରର ବିକାଶରେ ସାମିଲ ହେବାକୁ ସେ କଂଗ୍ରେସ ଦଳ ତ୍ୟାଗ କରି ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ବୁଧବାର ଗୁପ୍ତିଠାରେ ପଞ୍ଚାୟତ ସଭାପତି ମନୁ ମଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜନଗର ବିଧାୟକ ସାହୁ ଯୋଗଦେଇ ଖଗେଶ୍ୱର ଓ ତାଙ୍କ ସମର୍ଥକଙ୍କୁ ଦଳରେ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗୁପ୍ତି ପଞ୍ଚାୟତର ପର୍ଯ୍ୟବେକ୍ଷକ ନିରଞ୍ଜନ ରାଉତ, ସରପଞ୍ଚ ସର୍ବେଶ୍ୱର ସାହୁ, ମହିଳା ବିଜେଡିର ସଭାନେତ୍ରୀ ରଶ୍ମୀ ରଞ୍ଜିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ରାହ୍ମଣୀ କଲେଜରେ କିଶୋର ସମାବେଶ

ପଟ୍ଟାମୁଣ୍ଡାଇ ୧୧।୧୧(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଧୌୟାଞ୍ଚଳ ବ୍ରାହ୍ମଣୀ କଲେଜରେ କିଶୋର ସମାବେଶ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଶଶିଭୂଷଣ ବେହେରା ଯୋଗଦେଇ ପିଲାମାନଙ୍କୁ ମାସ୍କ ବାଣ୍ଟିବା ସହ କରୋନା ସଚେତନତାର ବାର୍ତ୍ତା ଦେଇଥିଲେ। ପରେ କଲେଜ ପରିସରରେ ବଉଳ ଗଛ ଲଗାଇ ପରିବେଶକୁ ସୁରକ୍ଷା ଦେବାକୁ କହିଥିଲେ। ମହାମାରୀ କରୋନାର ୩ୟ ଲହର ଆସିବା ପୂର୍ବରୁ ବିଧାୟକ ବେହେରା କରୋନା ମୁକାବିଲା ଓ ସଚେତନତା କାର୍ଯ୍ୟକ୍ରମକୁ ଜୋରଦାର କରିଛନ୍ତି। ଏଥିରେ କଲେଜର ଛାତ୍ରୀଛାତ୍ରଙ୍କ ସମେତ ଉମେଶ ମହାନ୍ତି, କେଦାର ବିଶ୍ୱାଳ, ଶଶାଙ୍କ ବିଶ୍ୱାଳ ପ୍ରମୁଖଙ୍କ ସହ କଲେଜର ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଯୋଗ ଦେଇଥିଲେ।

### ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସ୍ଥଗିତ

ବିରିଡି,୧୧।୧୧(ଡି.ଏନ୍.ଏ.)

ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ୬୯ତମ ଜୟନ୍ତୀ ଅବସରରେ ବିରିଡି ବିଜୁ ଭବନରେ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହେବାର କାର୍ଯ୍ୟକ୍ରମ ଥିଲା। ମାତ୍ର ଏହାକୁ ବ୍ଲକ ପୂର୍ବତନ ବିଜେଡି ସଭାପତି ବିଭୁଦତ୍ତ ସାହୁଙ୍କ ସମେତ ହାଜିପୁର ପଞ୍ଚାୟତର କେତେଜଣ ବିଜେଡି କର୍ମୀ ବିରୋଧ କରିବାରୁ ଗୁରୁବାର ସ୍ଥଗିତ ରଖାଯାଇଛି। କାର୍ଯ୍ୟକ୍ରମରେ ଜିଲାର ବରିଷ୍ଠ ମନ୍ତ୍ରୀ ଓ ନେତୃମଣ୍ଡଳୀଙ୍କୁ ଡକାଯାଇ ନ ଥିଲା ବୋଲି ସେମାନେ ଅଭିଯୋଗ କରିଥିଲେ। ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ରାଜ୍ୟର ଜଣେ ବରିଷ୍ଠ ମନ୍ତ୍ରୀଙ୍କ ଦ୍ୱାରା କରିବା ପାଇଁ ସାହୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ରାଉଳଙ୍କ ସମେତ ଉପସ୍ଥିତ ବିଜେଡି ନେତୃମଣ୍ଡଳୀ ଗ୍ରହଣ କରିଥିଲେ। ଫଳରେ ଉନ୍ମୋଚନ କାର୍ଯ୍ୟକ୍ରମ ପରେ କରାଯିବାକୁ ସ୍ଥିର ହୋଇଥିଲା । ତେବେ ସ୍ୱର୍ଗତ ଦାସଙ୍କ ଜୟନ୍ତୀ ଉପଲକ୍ଷେ ବିଜୁଭବନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇ ଥିଲା। ତାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ସ୍ମୃତିସଭା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେଡି ଜିଲା ଉପସଭାପତି ରବିନାରାୟଣ ଜେନା, ରାଜ୍ୟ ଅନୁସୂଚିତ ଜାତି ସାଧାରଣ ସମ୍ପାଦକ ନିରଞ୍ଜନ ସେଠୀ, ପ୍ରଦୀପ୍ତ ଭୂୟାଁ, ଜିଲା ସମ୍ପାଦକ ପବିତ୍ର ପଶାୟତ, ଜିଲା ପରିଷଦ ସଭ୍ୟା ଲତା ଦାସ, ପ୍ରମୁଖ ଯୋଗଦେଇଥିଲେ।

# ବେଆଇନ ବାଲିଘାଟ ପ୍ରତି ଅନୁକମ୍ପା

- ସରକାର ରାଜସ୍ୱ ହରାଉଥିଲେ ବି ଚିନ୍ତା ନାହିଁ
- ଲୋକ ଦେଖାଣିଆ ଚାଲିଛି ଚଢ଼ାଉ
- ପଥରଚକଡ଼ା ଜିଲାର ଏକମାତ୍ର ବାଲିଘାଟ

ନୟାଗଡ଼ ଅଫିସ,୧୧।୧୧

ନୟାଗଡ଼ ଜିଲାରେ ବେଆଇନ ବାଲିଘାଟ ପ୍ରତି ଅନୁକମ୍ପା ପ୍ରଦର୍ଶନ କରାଯିବା ଘଟଣା ଜିଲା ପ୍ରଶାସନକୁ ସନ୍ଦେହ ଘେରକୁ ଟାଣିଆଣିଛି । କେତେଜଣ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଅନୁକମ୍ପା ଯୋଗୁ ସରକାର ବର୍ଷକୁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ହରାଉଛନ୍ତି । ଅନ୍ୟପକ୍ଷେ ଦୋଷ ଛଡ଼ାଇବା ପାଇଁ ପ୍ରଶାସନର ଲୋକଦେଖାଣିଆ ଚଢ଼ାଉ ରୋକିପାରୁନି ବାଲି ଚୋରି। ବରଂ ବାଲିଚୋରି ବଢ଼ୁଛି ସିନା, କମିବାର ନାଁ ଧରୁନି । ମହାନଦୀର ପଥରଚକଡ଼ା ବାଲିଘାଟକୁ ଛାଡ଼ିଦେଲେ ଅନ୍ୟ କୌଣସି ନଦୀର ବାଲିଘାଟ ନିଲାମ ଦିଆଯାଇ ନ ଥିବା ଆରଟିଆଇ ତଥ୍ୟ କହୁଛି। କିନ୍ତୁ ଗ୍ରାଉଣ୍ଡ ଜିରୋ ରିପୋର୍ଟକୁ ଦେଖିଲେ ମହାନଦୀର ବିଭିନ୍ନ ସ୍ଥାନରେ ବାଲିଘାଟ ରହିଛି। ସେଠାରୁ ଅବାଧରେ ବାଲି ଚୋରି ଚାଲିଛି। ପୁଣି ଜିଲାର ଅନ୍ୟ ନଦୀଗୁଡ଼ିକରେ ମଧ୍ୟ ବାଲି ଚୋରି କରାଯାଉଛି । ଆଉ କେତେକ ସ୍ଥାନରେ ନିଲାମ ନେବା ବାହାନାରେ ବାଲି ଚୋରି ଚାଲିଛି ।


ମେଶିନ ଦ୍ୱାରା ନଦୀରୁ ବାଲି ଉତ୍ତୋଳନ କରାଯାଉଛି।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଶାଖା ବ୍ରହ୍ମପୁରରୁ ମିଳିଥିବା ଆରଟିଆଇ ତଥ୍ୟ ଅନୁସାରେ ନୟାଗଡ଼ ଜିଲାରେ କେବଳ ପଥରଚକଡା ବାଲିଘାଟ ରହିଛି। ଅନ୍ୟ କୌଣସି ବାଲିଘାଟକୁ ନିଲାମ ଦିଆଯାଇ ନାହିଁ ବୋଲି ଲିଙ୍ଗରାଜ ସାମନ୍ତରାୟ ପାଇଥିବା ଆରଟିଆଇ ତଥ୍ୟରୁ ଜଣାପଡିଛି। କିନ୍ତୁ ଗ୍ରାଉଣ୍ଡ ଜିରୋ ରିପୋର୍ଟ ଦେଖିଲେ ଗଣିଆ ତହସିଲର କେନ୍ଦୁପଲ୍ଲୀ, ପୂର୍ଣ୍ଣଚନ୍ଦ୍ରପୁର ଓ ୱାଲିପୁରିଠାରେ ମହାନଦୀର ବାଲିଘାଟରୁ ବାଲି ଉଠୁଛି। କିନ୍ତୁ ଏହି ବାଲିଘାଟ ନିଲାମ ଦିଆ ନ ଯାଇ ବାଲି ଉଠିବା ପ୍ରଶ୍ନବାଚୀ ସୃଷ୍ଟି କରିଛି । କେତେଜଣ ଲୋକ ଏହି ଘାଟକୁ ନିଲାମ ନେଇଛନ୍ତି ଦର୍ଶାଇ ଭଲ ଟଙ୍କା ରୋଜଗାର କରୁଛନ୍ତି। ସେହିପରି ଖଣ୍ଡପଡ଼ା ତହସିଲର ସିଦ୍ଧାମୂଳା ବାଲିଘାଟରୁ ପୁଣି ବାଲି ଉଠୁଛି । ପୂର୍ବରୁ ଏ ବାଲିଘାଟ ନିଲାମ ହେଉଥିଲା । ପରେ କିନ୍ତୁ ନିଲାମ ବନ୍ଦ ରହିଛି । ହେଲେ ବାଲି ଚୋରା ଚାଲାଣ ରୋକାଯାଇ ପାରୁନାହିଁ। ସିଦ୍ଧାମୂଳା ବାଲିଘାଟରୁ ଓଡ଼ଗାଁ, ଖଣ୍ଡପଡ଼ା, ନୟାଗଡ଼, ରଣପୁର ଅଞ୍ଚଳକୁ ବାଲି ଚୋରା ଚାଲାଣ ହେଉଛି ବୋଲି ଅଭିଯୋଗ ହେଉଛି ।

ଅନ୍ୟପକ୍ଷେ ସିଦ୍ଧାମୂଳାଠାରୁ କିଛି ବାଟ ପରେ କଟକ ଜିଲାର ବୈଦେଶ୍ୱର ବାଲିଘାଟ ରହିଛି । ଏହା ପୁଣି ବେଆଇନ ବୋଲି କୁହାଯାଉଛି। ସେଠାରୁ ବାଲି ଖୋର୍ଦ୍ଧା, ବାଲୁଗାଁ, ଟାଙ୍ଗି, ଚାନ୍ଦପୁର, ଭୁବନେଶ୍ୱର ଯାଉଛି। ସେହିପରି ଜିଲାରେ ଅନେକ ଛୋଟ ବଡ଼ ନଦୀ ରହିଛି । ହେଲେ ଅନ୍ୟ କୌଣସି ନଦୀ ନିଲାମ ହୋଇନି। ସରକାର ରାଜସ୍ୱ ହରାଉଥିଲେ ମଧ୍ୟ ପ୍ରତି ନଦୀରେ ଏକାଧିକ ବାଲିଘାଟ କରି ବେଆଇନ ଭାବେ ବୁହା ଚାଲିଛି। ଜିଲାରେ କୋଠାଘର ଓ ସରକାରୀ କାର୍ଯ୍ୟାଳୟର ନିର୍ମାଣ ବଢ଼ି ଚାଲିଥିବାରୁ ଅନେକ ନଦୀ ଓ ନାଳରେ ବାଲି ସଙ୍କଟ ଦେଖାଦେଲାଣି । ପୁଣି ବନ୍ୟା ଆଗଭଳି ଆଉ ହେଉନାହିଁ । ଫଳରେ ନଦୀରେ ବାଲି ଆସୁନି । ଫଳରେ ଲୋକଙ୍କ ଗୃହ ନିର୍ମାଣ ପାଇଁ ଆବଶ୍ୟକ ବାଲିର ଚାହିଦା ପୂରଣ ହୋଇପାରୁ ନାହିଁ। ଜିଲା ମଧ୍ୟ ଦେଇ ଯାଇଥିବା ମହାନଦୀ ଏହି ଆବଶ୍ୟକତାକୁ ପୂର୍ଣ୍ଣ କରୁଛି। ଏନେଇ ପରିବେଶବିତ୍ ବିଭୂତି ଭୂଷଣ ଦାଶ କୁହନ୍ତି, ବାଲିଘାଟ ନିଲାମକୁ କଡାକଡି କରାଯିବା ଦରକାର। କାରଣ ବାଲି ମାଫିଆମାନେ ସରକାରଙ୍କୁ ରାଜସ୍ୱ ନ ଦେଇ ଏକା ପ୍ରକାର ରାଜସ୍ୱ ନେଉଛନ୍ତି। ବାଲିଘାଟ ନିଲାମ ହେଲେ ଗୃହ ନିର୍ମାଣକାରୀଙ୍କ ପାଇଁ କିଛି ଅସୁବିଧା ନାହିଁ, ବରଂ ବାଲି ପାଇବାରେ ସ୍ୱଚ୍ଛତା ଆସିବ। ଅନ୍ୟପକ୍ଷେ ପ୍ରଶାସନ ବେଆଇନ ବାଲିଘାଟ ପ୍ରୀତିକୁ ଛାଡି ଚଢ଼ାଉ, ଧରପଗଡକୁ ତ୍ୱରାନ୍ୱିତ କରିବା ଦରକାର ବୋଲି ସେ କହିଛନ୍ତି।

ଉପଜିଲାପାଳ ଲଗ୍ନଜିତ୍ ରାଉତ କହିଛନ୍ତି, ବାଲି ଘାଟ ନିଲାମ ଗୋଟିଏ ନୁହେଁ ଅଧିକ ହୋଇଛି । ତେବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କ'ଣ ରିପୋର୍ଟ ଦେଇଛି ଆମେ ଜାଣିନୁ । ତେବେ କେତେ ବାଲିଘାଟ ନିଲାମ ଦିଆଯାଇଛି ସ୍ଥାନୀୟ ତହସିଲଦାର ମାନଙ୍କୁ ପଚାରିଲେ ଜଣାପଡିବ ।

## ସଂକ୍ଷେପରେ

### ଟିପ୍ପର ଧକ୍କାରେ ଛାତ୍ରଙ୍କ ଗୋଡ଼ କଟିଲା

**କ୍ଷତିପୂରଣ ଦାବିରେ ରାସ୍ତାରୋକୋ**

**ନୟାଗଡ଼ ଅଫିସ,୧୧।୧୧:** ନୟାଗଡ଼ ଜିଲା ଫତେଗଡ଼ ଥାନା ଜାମୁସାହି ନିକଟରେ ଗୁରୁବାର ପୂର୍ବାହ୍ନରେ ମାଲବୋଝେଇ ଟିପ୍ପର ଧକ୍କାରେ ଜଣେ ୪ର୍ଥ ଶ୍ରେଣୀ ଛାତ୍ରଙ୍କ ଗୋଡ କଟିଛି । ଆହତ ହେଲେ କାହ୍ନା ମହାନ୍ତି (୧୦)। ଘର ଜାମୁସାହିରେ। କାହ୍ନାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି । ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୂର୍ବାହ୍ନ ସାଢ଼େ ୧୧ଟାରୁ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିଥିଲା । ଖଣ୍ଡପଡ଼ା ଏସ୍‌ଡିପିଓ ପ୍ରଭାତ ମଲ୍ଲିକ, ଭାପୁର ତହସିଲଦାର ତୃପ୍ତି ମହାନ୍ତି,ଫତେଗଡ଼ ଥାନା ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ ମଧ ସୁଫଳ ମିଳିନି । ସୂଚନା ଅନୁଯାୟୀ, ଖଣ୍ଡପଡ଼ା-ବାଘମାରୀ ରାସ୍ତାରେ କାହ୍ନା ସାଇକେଲ ଶିଖୁଥିଲେ । ସେହି ସମୟରେ ଏକ ମାଲ ବୋଝେଇ ଟିପ୍ପର ଖଣ୍ଡପଡାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା ବେଳେ କାହ୍ନାଙ୍କୁ ଧକ୍କା ମାରିଥିଲା । ଏହାପରେ ସ୍ଥାନୀୟ ଲୋକେ ଡ୍ରାଇଭରଙ୍କୁ ଅଟକ ରଖି ପୋଲିସ ଜିମା ଦେଇଥିଲେ ।

### ପାଟଚଣ୍ଡୀ ମନ୍ଦିରରୁ ଚୋରି

**ଖଣ୍ଡପଡ଼ା,୧୧।୧୧(ସ୍ୱ.ପ୍ର.) :** ଖଣ୍ଡପଡ଼ା ସହରର ଆରାଧ୍ୟା ଦେବୀ ମା'ପାଟଚଣ୍ଡୀଙ୍କ ମନ୍ଦିର ପରିସରରୁ କେହି ଦୁର୍ବୃତ୍ତ ରାତିରେ ଏକ ପିତଳ ଘଣ୍ଟି ଚୋରି କରି ନେଇଛନ୍ତି। ଏକ ନିକାଞ୍ଚନ ସ୍ଥାନରେ ମନ୍ଦିରଟି ଥିବାରୁ ରାତିରେ ମନ୍ଦିର ପରିସରରେ ଅସାମାଜିକ ବ୍ୟକ୍ତିମାନଙ୍କ ଭିଡ ଜମୁଛି। ମନ୍ଦିର ପରିସରରୁ ଘଣ୍ଟି ଚୋରି ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ମନ୍ଦିରକୁ ଆସିଥିବା ଭକ୍ତମାନେ ଏନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

### ଶରଣକୁଳ ଭାଜପାର ବୈଠକ

**ନୟାଗଡ଼ ଅଫିସ,୧୧।୧୧:** ଭାଜପାର ଶରଣକୁଳ ପଞ୍ଚାୟତସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ କର୍ମୀ ଶରତ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ଯୋଗ ଦେଇ ପଞ୍ଚାୟତ ଭୋଟରେ ଦଳକୁ ବିଜୟୀ କରାଇବାକୁ କର୍ମୀ ଓ ସମର୍ଥକଙ୍କୁ ଆହ୍ୱାନ କରିଥିଲେ। ଅନ୍ୟପକ୍ଷେ ମୃତ୍ୟୁଞ୍ଜୟ କରଙ୍କୁ ଶରଣକୁଳ ପଞ୍ଚାୟତ ସଙ୍ଗଠନର ମୁଖ୍ୟ ଦାୟିତ୍ୱ ଦେଇଥିଲେ । ସେହିପରି ପ୍ରଶନ୍ନ କୁମାର ଦାଶ, ବୈଦ୍ୟନାଥ ମହାପାତ୍ର, ପ୍ରକାଶ ନାୟକ, ଭାଗିରଥୀ ବାରିକ, ପ୍ରକାଶ ମହାପାତ୍ର ପ୍ରମୁଖ ପଞ୍ଚାୟତ କମିଟିକୁ ନିର୍ବାଚିତ ହୋଇଛନ୍ତି ।

### ୫ ଫେରାର ଅଭିଯୁକ୍ତ ଗିରଫ

**ଖଲ୍ଲିକୋଟ,୧୧।୧୧(ଡି.ଏନ.ଏ.):** ଖଲ୍ଲିକୋଟ ଥାନାରେ ରୁଜୁ ହୋଇଥିବା ଭିନ୍ନ ଭିନ୍ନ କେସ୍ ଆଧାରରେ ଗୁରୁବାର ପୋଲିସ ୫ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗଞ୍ଜାମ ଜିଲାରେ ୱାରେଣ୍ଟି ଧରପଗଡ଼ ଅଭିଯାନ ଚାଲିଥିବା ବେଳେ ଖଲ୍ଲିକୋଟ ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ନେତୃତ୍ୱରେ ଗତ ଶୁକ୍ରବାର, ଶନିବାର, ସୋମବାର, ମଙ୍ଗଳବାର ଓ ବୁଧବାର ୨୭ ଫେରାର ଅଭିଯୁକ୍ତଙ୍କୁ ଭିନ୍ନ ଭିନ୍ନ କେସ୍‌ରେ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଗୁରୁବାର ମଧ ଭିନ୍ନ ଭିନ୍ନ କେସ୍‌ରେ ୫ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ମଲ୍ଲିକ ସୂଚନା ଦେଇଛନ୍ତି। ଏହି ୱାରେଣ୍ଟିଙ୍କ ମଧ୍ୟରେ ଜଣେ ବୃଦ୍ଧା ଗିରଫ ହୋଇ ଜେଲ ଯାଇଥିବା ଜଣାପଡ଼ିଛି।

### ୧୬ରେ ରୂପାନ୍ତରିତ ହାଇସ୍କୁଲ ଉଦ୍‌ଘାଟନ

**ଛତ୍ରପୁର,୧୧।୧୧(ଡି.ଏନ.ଏ.):** ଛତ୍ରପୁର ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ହାଇସ୍କୁଲର ରୂପାନ୍ତରୀକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସରେ ଏହାର ଉଦ୍‌ଘାଟନ କରିବେ। ଏହା ପୂର୍ବରୁ ଗୁରୁବାର ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ବ୍ଲକ ଅଧକ୍ଷ ଏମ. ଧନଞ୍ଜୟ ରେଡ୍ଡୀ ଏହି ସ୍କୁଲ ପରିଦର୍ଶନ କରିଥିଲେ। ସରପଞ୍ଚ ବାବୁଲା କୁମାର ବେହେରା, ସ୍କୁଲ କମିଟି ସଭାପତି ଡି, କ୍ରିଷ୍ଣା, ପ୍ରଧାନ ଶିକ୍ଷୟିତ୍ରୀ ସବିତା ମିଶ୍ର, ସ୍କୁଲ ପରିଚାଳନା କମିଟି ସଦସ୍ୟ ଏ.ଏମ ରହିମଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ଉକ୍ତ ସ୍କୁଲର ପୁରାତନ ଛାତ୍ରମାନେ ସ୍କୁଲର ଉନ୍ନତି ନିମନ୍ତେ ସାହାଯ୍ୟ କରିବା ଲାଗି ଠିକ୍ ତାଲିକା କରିବାକୁ ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଧାୟକ ପରାମର୍ଶ ଦେଇଥିଲେ।

## ନୀଳମାଧବଙ୍କ ପୀଠରେ ଗୋଷ୍ଠାଷ୍ଟମୀ ଉତ୍ସବ


ମହିଳାମାନେ ଗାଈଙ୍କୁ ବନ୍ଦାପନା କରୁଛନ୍ତି।

ଖଣ୍ଡପଡ଼ା,୧୧।୧୧(ସ୍ୱ.ପ୍ର.)

ଗୁରୁବାର ଖଣ୍ଡପଡ଼ା, ଖଳିସାହି, କୋସକା, ଜଗନ୍ନାଥପ୍ରସାଦ, ବେଣାଗାଡିଅ, ସିଧାମୂଳା, ଶାଳଝରିଆ ଆଦି ଅଞ୍ଚଳରେ ଗୋଷ୍ଠାଷ୍ଟମୀ ଉତ୍ସବ ପାରମ୍ପରିକ ରୀତିରେ ପାଳିତ ହୋଇଯାଇଛି । କଣ୍ଟିଲୋ ନୀଳମାଧବ ଜୀଉଙ୍କ ପୀଠରେ ଗୋଷ୍ଠାଷ୍ଟମୀ ଉତ୍ସବ ପାରମ୍ପରିକ ରୀତିରେ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ରାଧାମୋହନ ଜୀଉ ମଠରେ ଶ୍ରୀଜୀଉଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ଶ୍ରୀଜୀଉଙ୍କୁ ଏକ ଶୋଭାଯାତ୍ରାରେ ନିକଟସ୍ଥ ମାଘମେଳା ପଡ଼ିଆକୁ ବିଜେ କରାଯାଇଥିଲା । ସେଠାରେ ଗ୍ରାମର ସମସ୍ତ ଗୋରୁଙ୍କୁ ଏକାଠି କରାଯାଇ ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା କରିବା ପରେ ଉପସ୍ଥିତ ମହିଳାମାନେ ଗୋମାତାଙ୍କୁ ବନ୍ଦାପନା କରିଥିଲେ । ଏହାପରେ ଗୋରୁଙ୍କୁ ଘାସ ଓ ଖାଦ୍ୟ ଖାଇବାକୁ ଦିଆଯାଇଥିଲା । ପୂଜାର୍ଚ୍ଚନା ପରେ ଶ୍ରୀଜୀଉ ମଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ପୂଜାରେ ଶ୍ରଦ୍ଧାଳୁ ଓ କାର୍ତ୍ତିକ ବ୍ରତଧାରୀଙ୍କ ସମାଗମ ହୋଇଥିଲା। ସେହିପରି ବାପୁଜୀ ନଗରସ୍ଥିତ ରଘୁନାଥଜୀଉଙ୍କ ଚଳନ୍ତି ପ୍ରତିମାଙ୍କୁ ନିକଟସ୍ଥ ରାମଲୀଳାସ୍ଥଳୀକୁ ବିଜେ କରାଯାଇଥିଲା। ଗାନ୍ଧୀପାର୍କଠାରେ ସେହି ଅଞ୍ଚଳର ଗୋରୁଙ୍କୁ ଏକାଠି କରାଯାଇଥିଲା। ମହିଳାମାନେ ବନ୍ଦାପନା କରି ଗୋରୁଙ୍କୁ ଘାସ ଖାଇବାକୁ ଦେଇଥିଲେ ।

## ହୃଦ୍‌ଘାତରେ ମେଡିକାଲ ଅଫିସରଙ୍କ ପରଲୋକ


ପ୍ରଶାସନିକ ଅଧିକାରୀମାନେ ମୃତ ଡାକ୍ତରଙ୍କୁ ସମ୍ମାନ ପ୍ରଦର୍ଶନ କରୁଛନ୍ତି ।

ନୟାଗଡ଼ ଅଫିସ/ ଖଣ୍ଡପଡ଼ା, ୧୧।୧୧ (ସ୍ୱ.ପ୍ର.)

ନୟାଗଡ଼ ଜିଲା ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ସୁରେନ୍ଦ୍ର କୁମାର ଷଡ଼ଙ୍ଗୀ(୫୮)ଙ୍କ ଗୁରୁବାର ଭୋର ସମୟରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ସ୍ତ୍ରୀ ରୋଗ ବିଶେଷଜ୍ଞ ଥିଲେ। ଡାକ୍ତର ଷଡ଼ଙ୍ଗୀଙ୍କ ପରଲୋକରେ ନୟାଗଡ଼ ଜିଲାରେ ଶୋକର ଛାୟା ଖେଳିଯାଇଛି। ଡାକ୍ତର ଷଡ଼ଙ୍ଗୀଙ୍କ ନିଜ ଘର ଓଡ଼ଗାଁ ବ୍ଲକର ଗୋଠବଣ ଗାଁରେ। ବୁଧବାର ବିଳମ୍ବିତ ରାତିରେ ସେ ହଠାତ୍ ଅସୁସ୍ଥ ହୋଇପଡିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ଭୋରୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମରଶରୀରକୁ ନୟାଗଡ଼ ଜିଲା ସଦର ମହକୁମା ଓ ଶରଣକୁଳ ବଜାରକୁ ଶୋଭାଯାତ୍ରାରେ ନିଆଯାଇଥିଲା। ଏହାପରେ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଉପଜିଲାପାଳ ଲଗ୍ନଜିତ ରାଉତ, ଓଡ଼ଗାଁ ତହସିଲଦାର ବିଜୟିତା ସାମନ୍ତସିଂହାର, ବିଡିଓ ସ୍ୱାତିଲେଖା ଦାଶ, ଶରଣକୁଳ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟାୟତ, ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ଖଣ୍ଡପଡ଼ା କୋଭିଡ୍ କେୟାର ହସ୍‌ପିଟାଲର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ପ୍ରଦୀପ କୁମାର ପାଇକରାୟଙ୍କ ଆବାହକତ୍ୱରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ । ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

## ମାମଲା ରୁଜୁ କରୁନି ଚାନ୍ଦପୁର ପୋଲିସ

**ଲୁଟ୍, ଅସଦାଚରଣ ଘଟଣାକୁ ୨୪ ଘଣ୍ଟା ବିତିଲା**

ନୟାଗଡ଼ ଅଫିସ,୧୧।୧୧

ନୟାଗଡ଼ ଜିଲା ଚାନ୍ଦପୁର ଥାନା ପଟିଆ ଗାଁ ମୁଣ୍ଡରେ ମହିଳାଙ୍କଠାରୁ ହାର ଲୁଟ୍ ସହ ଅସଦାଚରଣ ଘଟଣାର ୨୪ ଘଣ୍ଟା ବିତିଛି। ହେଲେ ପୋଲିସ ମାମଲା ରୁଜୁ ନ କରି ଚୁପ୍ ବସିଛି । ଏଭଳି ସ୍ଥଳେ ନ୍ୟାୟ ପାଇଁ ଅଭିଯୋଗକାରୀ ଚାନ୍ଦପୁର ଥାନାରେ ପରିବାର ସହ ଅପେକ୍ଷା କରିଛନ୍ତି। ଘଟଣା ସମ୍ପର୍କରେ ପରିବାର ଲୋକେ ଶରଣକୁଳ ଏସ୍‌ଡିପିଓଙ୍କୁ ଫେରାଦ ହୋଇଛନ୍ତି। ଅଭିଯୋଗ ଅନୁସାରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ନୀଳାଦ୍ରିବିହାରର ସ୍ୱପ୍ନା ନାୟକ(୨୮) ସ୍ୱାମୀଙ୍କ ସହ ଜଣେ ବନ୍ଧୁଙ୍କ ଘର ଚାନ୍ଦପୁର ଥାନା ପଟିଆ ଗାଁରୁ ମଙ୍ଗଳବାର ସନ୍ଧ୍ୟାରେ ଫେରୁଥିଲେ। ପଛରେ ଅଟୋରିକ୍ସାରେ ତାଙ୍କର ଅନ୍ୟ ସମ୍ପର୍କୀୟମାନେ ଫେରୁଥିଲେ । ପଟିଆ ଗାଁ ମୁଣ୍ଡରେ ମଙ୍ଗଳବାର ରାତି ପ୍ରାୟ ୮.୧୫ ସମୟରେ ଦୁଇ ଜଣ ବ୍ୟକ୍ତି ତାଙ୍କ ବାଇକ୍ ଅଟକାଇଥିଲେ। ସେଠାରେ ସ୍ୱପ୍ନାଙ୍କ ବେକରୁ ସୁନା ହାର ଛିଣ୍ଡାଇ ନେବା ସହ ବାଇକ୍ ଭଙ୍ଗାରୁଜା କରି ନେଇ ଯାଇଥିଲେ । ଏପରିକି ସେମାନେ ସ୍ୱପ୍ନାଙ୍କୁ ଅସଦାଚରଣ କରିଥିଲେ। ଘଟଣା ସମ୍ପର୍କରେ ଚାନ୍ଦପୁର ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ସମାଧାନ କରିବାକୁ ଚାପ ସୃଷ୍ଟି କରୁଥିବା ସ୍ୱପ୍ନା କହିଛନ୍ତି । ଅନ୍ୟପକ୍ଷେ ଓଡ଼ିଶା ଦଳିତ ଆଦିବାସୀ ପରିବାର ସଭାପତି ମୋହନ ନାୟକ କୁହନ୍ତି, ଘଟଣା ସମ୍ପର୍କରେ ଶରଣକୁଳ ଏସ୍‌ଡିପିଓଙ୍କୁ ଅବଗତ କରାଯାଇଛି। ସେ ଘଟଣା ସମ୍ପର୍କରେ ଅନୁଧ୍ୟାନ କରି ପଦକ୍ଷେପ ନେବେ ବୋଲି କହିଛନ୍ତି ।


ଚାନ୍ଦପୁର ଥାନା ସମ୍ମୁଖରେ ସ୍ୱପ୍ନା ନାୟକ ଓ ତାଙ୍କ ସମ୍ପର୍କୀୟ ।

## ୬ ଘଣ୍ଟା ବନ୍ଦ ପାଳନ କରିବ କଂଗ୍ରେସ

**ବନ୍ଦ ବେଆଇନ, ଅଭିଯୋଗ ମିଳିଲେ କାର୍ଯ୍ୟାନୁଷ୍ଠାନ: ଏସ୍‌ପି**

ନୟାଗଡ଼ ଅଫିସ,୧୧।୧୧

ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଓ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଗିରଫ ଦାବିରେ ନୟାଗଡ଼ ଜିଲାରେ ଶୁକ୍ରବାର ୬ ଘଣ୍ଟିଆ ବନ୍ଦ ପାଳନ କରିବ ଜିଲା କଂଗ୍ରେସ । ଗୁରୁବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ସଂକ୍ରାନ୍ତରେ ଘୋଷଣା କରାଯାଇଛି । ଏହି ଅବସରରେ ଜିଲା ସଭାପତି ରଣଜିତ ଦାଶ ଓ ପିସିସି ସମ୍ପାଦକ ହୁସେନ ଖାଁ କହିଛନ୍ତି, ବ୍ଲକ ଓ ଜିଲା ସଦର ମହକୁମାରେ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ। ମମିତା ମେହେର ହତ୍ୟା ଘଟଣାରେ ସଂଶ୍ଳିଷ୍ଟ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ପାଇଁ କଂଗ୍ରେସ ପକ୍ଷରୁ ସମୟସୀମା ଦିଆଯାଇଥିଲା । ହେଲେ ମୁଖ୍ୟମନ୍ତ୍ରୀ ସେହି ବିବାଦୀୟ ମନ୍ତ୍ରୀଙ୍କୁ ମଞ୍ଚରେ ବସାଇବା ଘଟଣା ଗଣତନ୍ତ୍ର ପ୍ରତି ଉପହାସ। ମୁଖ୍ୟମନ୍ତ୍ରୀ ସେହି ମନ୍ତ୍ରୀଙ୍କୁ ବହିଷ୍କାର ନ କରି ସୁରକ୍ଷା ଦେଉଥିବାରୁ ମହିଳା, ଯୁବତୀ, ଶିଶୁକନ୍ୟା ଅସୁରକ୍ଷିତ ହୋଇ ପଡିଛନ୍ତି। ଏଣୁ ରାଜ୍ୟ କଂଗ୍ରେସ ନିଷ୍ପତ୍ତି ଅନୁସାରେ ଆନ୍ଦୋଳନକୁ ତ୍ୱରାନ୍ୱିତ କରାଯିବ ବୋଲି ଉଭୟେ କହିଛନ୍ତି । ପୋଲିସର ଗିରଫଦାରୀକୁ କଂଗ୍ରେସ ଭୟ କରୁନି ବୋଲି ସେମାନେ କହିଛନ୍ତି । ଏ ସଂକ୍ରାନ୍ତରେ ଏସ୍‌ପି ସିଦ୍ଧାର୍ଥ କଟାରିଆ କହିଛନ୍ତି, ହାଇକୋର୍ଟଙ୍କ ଆଦେଶ ହସ୍ତଗତ ହୋଇଛି । ହାଇକୋର୍ଟଙ୍କ ଆଦେଶ ଅନୁସାରେ କଂଗ୍ରେସର ବନ୍ଦ ଡାକରା ବେଆଇନ । ଯାତାୟତ, ଗାଡିମୋଟର ଚଳାଚଳ ଓ ଦୋକାନ ବଜାର ବନ୍ଦ କରାଯାଇଥିବା ଅଭିଯୋଗ ମିଳିଲେ ଆଇନଗତ ପଦକ୍ଷେପ ନିଆଯିବ। ସବୁ ସ୍ଥାନରେ ପୋଲିସ ମୁତୟନ କରାଯାଇଛି । ବେଆଇନ ବନ୍ଦକୁ ବିରୋଧ କରି ଅଭିଯୋଗ କରିବାକୁ ଜିଲାବାସୀଙ୍କୁ ଏସ୍‌ପି ନିବେଦନ କରିଛନ୍ତି ।

## ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରଶାସନର ପ୍ରୟାସ

- ଜାକେଡ଼ାରେ ୨ ଗୋଷ୍ଠୀ ବିବାଦ ପ୍ରସଙ୍ଗ
- ଆଲୋଚନା କଲେ ଉପଜିଲାପାଳ

ନୟାଗଡ଼ ଅଫିସ,୧୧।୧୧

ନୟାଗଡ଼ ଜିଲା ଶରଣକୁଳ ଥାନା ଗୋଡିପଡା ଫାଣ୍ଡି ଜାକେଡା ଗାଁରେ ସରକାରୀ ଜମିରେ ଥିବା ଆମ୍ବ, କାଜୁ ବଗିଚା ନିଲାମ ଅର୍ଥକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ପାଇଁ ପ୍ରଶାସନ ଉଦ୍ୟମ ଆରମ୍ଭ କରିଛି । ଉଭୟ ଗୋଷ୍ଠୀ ମଧ୍ୟରେ ଶାନ୍ତି ଫେରାଇ ଆଣିବା ପାଇଁ ନୟାଗଡ଼ ଉପଜିଲାପାଳ ଲଗ୍ନଜିତ ରାଉତ, ଓଡ଼ଗାଁ ତହସିଲଦାର ବିଜୟିତା ସାମନ୍ତସିଂହାର, ବିଡିଓ ସ୍ୱାତିଲେଖା ଦାଶ, ଶରଣକୁଳ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟାୟତ ପ୍ରମୁଖ ଉକ୍ତ ଗାଁକୁ ଯାଇ ଦୁଇଗୋଷ୍ଠୀ ଲୋକଙ୍କ ସହ ଆଲୋଚନା କରିଛନ୍ତି । ସୂଚନଯୋଗ୍ୟ, ଗତ ଏପ୍ରିଲ ୨୪ରେ ଗୋଟିଏ ଗୋଷ୍ଠୀର ୨ଜଣଙ୍କୁ ଅପହରଣ ପରେ ଜାକେଡାରେ ଉତ୍ତେଜନା ପ୍ରକାଶ ପାଇଥିଲା । ୨୪ ଘଣ୍ଟା ପରେ ଅପହରଣକାରୀଙ୍କୁ ଛାଡିଦେଲା ପରେ ଉତ୍ତୋଜନା ଥମିଥିଲା ଏ ସଂକ୍ରାନ୍ତରେ ଅଭିଯୋଗ ପରେ ପୋଲିସ ୩୮ଜଣଙ୍କ ନାମରେ ଏକ ମାମଲା(ନଂ.୫୪/୨୧)ରୁଜୁ କରିଥିଲା। ଏହି ଘଟଣା ପରେ ଅପହରଣ ହୋଇଥିବା ଗ୍ରାମରକ୍ଷୀ ବୁଦ୍ଧିବାମନ ନାୟକ ଓରଫ ବିଚି (୪୭) ଓ ମଣିଆ ନାୟକ(୨୮)ଙ୍କ ପରି କେତେଜଣଙ୍କ ପରିବାର ଗାଁ ଛାଡି ବାହାରେ ରହୁଛନ୍ତି ।

### ଆଇଆଇସି ଭାବେ ପଦୋନ୍ନତି

ନୟାଗଡ଼ ଅଫିସ,୧୧।୧୧

ନୟାଗଡ଼ ପୋଲିସ ଜିଲାର ନୂଆଗାଁ ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଥିବା ବସନ୍ତ କୁମାର ସାହୁଙ୍କୁ ଆଇଆଇସି ଭାବେ ପଦୋନ୍ନତି ଦିଆଯାଇଛି । ରାଜ୍ୟ ପୋଲିସ ବିଭାଗରେ ଗୁରୁବାର ୧୧୭ଜଣ ଏସ୍‌ଆଇଙ୍କୁ ଆଇଆଇସି ଭାବେ ପଦୋନ୍ନତି ଓ ବଦଳି କରାଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ତେବେ ବସନ୍ତ କୁମାର ସାହୁଙ୍କୁ ପଦୋନ୍ନତି ଦିଆଯାଇ ନୟାଗଡ଼ ଜିଲାରୁ ବଦଳି କରାଯାଇ ନାହିଁ।

### ଭୋଟର ପଞ୍ଜୀକରଣ ସଚେତନତା

ଚିକିଟି,୧୧।୧୧(ଡି.ଏନ.ଏ.)

ଚିକିଟିଗଡ଼ସ୍ଥିତ ମହାବିଦ୍ୟାଳୟରେ ଗୁରୁବାର ସ୍ୱତନ୍ତ୍ର ଭୋଟର ପଞ୍ଜୀକରଣ ଓ ସଂଶୋଧନ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟ ଅଧକ୍ଷ ଡ. ଭବାନୀ ପ୍ରସାଦ ପଣ୍ଡା ଅଧକ୍ଷତା କରିଥିଲେ। ସଚେତତା ରାଲିକୁ ଚିକିଟି ବିଡିଓ ଫାଲଗୁନି ମାଝୀ ଉଦଘାଟନ କରିବା ସହ ଭୋଟର ତାଲିକାରେ ନାମ ପଞ୍ଜୀକରଣ ଓ ସଂଶୋଧନ କାର୍ଯ୍ୟକ୍ରମ ରାଜନୈତିକ ଅଧିକାର ସାବ୍ୟସ୍ତ ଅଖଣ୍ଡ ଭାରତ ପ୍ରତିଷ୍ଠାର ବାସ୍ତବ ରୂପାୟନ ବୋଲି କହିଥିଲେ। ଚିକିଟି କଲେଜର ପ୍ରାୟ ଏଗାର ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଚିକିଟି ବିଜ୍ଞାପିତ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ବିତ ସଂଗ୍ରାମଜିତ ସାହୁ ଓ ସ୍ଥାନୀୟ ତହସିଲଦାର ବିଶ୍ୱ ରଞ୍ଜନ କହଁର ଉପସ୍ଥିତ ରହି ଭାରତ ଭଳି ଏକ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏକ ଦୃଢ ସରକାର ଗଠନ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅତୀବ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଶେଷରେ ମହାବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କୁ ମତଦାନ ସଂକଳ୍ପ ଶପଥପାଠ କରାଯାଇଥିଲା।

## ଶିଶୁଙ୍କ ହାତରେ ରହିଛି ବିକାଶର ଚାବିକାଠି

**ଖଣ୍ଡପଡ଼ା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'**

ଖଣ୍ଡପଡ଼ା,୧୧।୧୧(ସ୍ୱ.ପ୍ର.)

ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ଲିଙ୍ଗରାଜ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି ୨୦୨୧' ଅନୁଷ୍ଠିତ ହୋଇଯାଇଛି । ବିଆରସିସି ରବୀନ୍ଦ୍ର ନାଥ ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଏବିଡିଓ କଳିଙ୍ଗ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାସ ଚନ୍ଦ୍ର ପୃଷ୍ଟି, ଶିକ୍ଷାବିତ୍ ଦାଶରଥି ସାହୁ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଲୁକ୍କାୟିତ ଶିଶୁପ୍ରତିଭାର ବିକାଶ ନିମନ୍ତେ ବିଦ୍ୟାଳୟସ୍ତରରେ ଏଭଳି ଉତ୍ସବ ଆୟୋଜନର ମହତ୍ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶିଶୁମାନେ ଆଗାମୀ ଦିନର ଭବିଷ୍ୟତ, ତାଙ୍କରି ହାତରେ ରହିଛି ଦେଶ ବିକାଶର ଚାବିକାଠି ବୋଲି ଅତିଥିମାନେ କହିଥିଲେ। ଏହାପରେ ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବ୍ଲକ ଅଧୀନ ୧୧ଟି କ୍ଲଷ୍ଟରସ୍ତରରୁ ଶତାଧିକ ଛାତ୍ରୀଛାତ୍ର ଚିତ୍ରାଙ୍କନ, ବକ୍ତୃତା, ସୃଜନଶୀଳ ଲିଖନ, ନୃତ୍ୟ, ଗୀତ, ଓଡ଼ିଆ ହସ୍ତାକ୍ଷର ଲିଖନ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଆସନ୍ତା ୧୪ ତାରିଖ ଶିଶୁ ଦିବସ ପାଳନ ଅବସରରେ ନୟାଗଡ଼ଠାରେ ଆୟୋଜିତ ଜିଲାସ୍ତରୀୟ ଶିଶୁମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ସମସ୍ତ କୃତୀ ପ୍ରତିଯୋଗୀମାନେ ଯୋଗ ଦେବେ ବୋଲି ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି ।



ସୁରଭି ଶିଶୁ ମହୋତ୍ସବରେ ମଞ୍ଚାସୀନ ଅତିଥିମାନେ।

